# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16th July – 2026

**********************************

## ମୁଖ୍ୟ ସମ୍ବାଦ

- ରଥଯାତ୍ରାରେ ରତ୍ନବେଦୀରୁ ନବଦିନାତ୍ମକ ଯାତ୍ରାରେ ବାହାରିଲେ ଚତୁର୍ଦ୍ଧାମୂର୍ତ୍ତି ।

— ଅଗଣିତ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ତିନିରଥ ।

- ଆସନ୍ତାକାଲି ୭୫ଟି ଅମୃତ ଭାରତ ରେଳଷ୍ଟେସନକୁ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ; ରାଜ୍ୟର ୭ଟି ଷ୍ଟେସନର ହେବ ଉଦ୍‌ଘାଟନ ।

- ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ ।

ଏବଂ

- ଅତି ପ୍ରବଳ ବର୍ଷା ହେବା ନେଇ ୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

***Desk***

# ରଥଯାତ୍ରା

ପୁରୀରେ ଆଜି ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି। ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେବା ସହ ଆଡ଼ପ ମଣ୍ଡପକୁ ରଥଯାତ୍ରାରେ ବାହାରିଛନ୍ତି । ସମୟନିର୍ଘଣ୍ଟ ଅନୁଯାୟୀ ଠାକୁରଙ୍କର ନୀତିକାନ୍ତି ଚାଲିଛି । ଅପରାହ୍ଣ ପ୍ରାୟ ୫ଟାରୁ ପ୍ରଥମେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥଟଣା ଆରମ୍ଭ ହୋଇଥିଲା । ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଟଣାହୋଇଥିଲା ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାହେବ । ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ :……

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର। ବଡଦାଣ୍ଡରେ ଭକ୍ତଙ୍କ ଗହଳି-ଚହଳି ଲାଗି ରହିଛି। କୋଟି ଓଡ଼ିଆଙ୍କ ମଉଡମଣି ଶ୍ରୀଜଗନ୍ନାଥ ରତ୍ନବେଦୀରୁ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ବାହାରିଛନ୍ତି। ଭକ୍ତ ଓ ଭଗବାନଙ୍କ ଦିବ୍ୟ ମିଳନରେ ବଡ଼ଦାଣ୍ଡରେ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଘଣ୍ଟ-ଘଣ୍ଟା, ଖୋଳ-ତାଳ, ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଉଠୁଛି।

ଚକ୍ରରାଜ ଶ୍ରୀସୁଦର୍ଶନ, ବଡ଼ଠାକୁର ଶ୍ରୀବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ମାନବୀୟ ଲୀଳାକୁ ସମଗ୍ର ବ୍ରହ୍ମାଣ୍ଡ ଦର୍ଶନ କରୁଛି।

ଅପରାହ୍ଣରେ ରଥ ଉପରେ ଚିତାଲାଗି ଓ ବେଶ ଅନୁଷ୍ଠିତ ହେବା ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ୩ ରଥରେ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ । ଏହାପରେ ଚାରମାଳ ଫିଟା, ଘୋଡା ଏବଂ ସାରଥୀ ଯୋଚା ଯାଇଥିଲା ।

ରଥଟଣା କାର୍ଯ୍ୟ ଓ ଆନୁଷଙ୍ଗିକ ରୀତିନୀତିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ।

ଜନସମୁଦ୍ର ବଡ଼ଦାଣ୍ଡରେ ଭକ୍ତିର ଜୁଆର ସୃଷ୍ଟି ହୋଇଛି । ବର୍ଷାରେ ଭିଜି ଭାବ ବିନୋଦିଆଙ୍କୁ ଭାବବିହ୍ୱଳ ହୋଇ ଦର୍ଶନ କରୁଛନ୍ତି ଅଗଣିତ ଭକ୍ତ ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।

***Puri/R***

# ରଥଯାତ୍ରା - ମୃତ୍ୟୁ

ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପୁରୀରେ ରଥଯାତ୍ରା ଚାଲିଥିବାବେଳେ ଏହି ସମୟରେ ଜଣଙ୍କର ମୃତ୍ୟୁ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ତେବେ ମୃତ୍ୟୁର କାରଣ ଏଯାଏଁ ସ୍ପଷ୍ଟ ହୋଇ ନାହିଁ ।

***Kendrapara, Nabarangpur, Bhadrak, Nayagarh, Deogarh, Rayagada, Nuapada, Boudh, Koraput/R***

# ଜିଲ୍ଲା - ରଥଯାତ୍ରା

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜିଉଙ୍କ ପବିତ୍ର ରଥଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହେବା ପରେ ପରମ୍ପରା ଅନୁସାରେ ଆଜି ରଘୁନାଥ ମଠ ପର୍ଯ୍ୟନ୍ତ ରଥଟଣା ହେଉଛି । ଆସନ୍ତାକାଲି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଅପରାହ୍ଣ ୨ଟାରେ ରଥ ଟଣାଯିବ ।

ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଭକ୍ତି ଓ ଭାବମୟ ପରିବେଶ ମଧ୍ୟରେ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି ।

ଭଦ୍ରକ ଜିଲ୍ଲାରେ ୭ଟି ବ୍ଲକ୍‌ର ୧୦୦ରୁ ଊର୍ଦ୍ଧ୍ୱ ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ପାଳନ କରାଯାଇଛି ।

ନୟାଗଡ଼ ଜିଲ୍ଲା ରଣପୁର ସମେତ ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଭକ୍ତି, ନିଷ୍ଠା ଓ ଉତ୍ସାହ ସହକାରେ ରଥଯାତ୍ରା ସମ୍ପନ୍ନ ହୋଇଛି । ରଣପୁର ରାଜା ଦିଲୀପ କୁମାର ନରେନ୍ଦ୍ର ତିନିରଥରେ ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଖଣ୍ଡପଡ଼ା, ଦଶପଲ୍ଲା, ଭାପୁର, ଗଣିଆ, ଶରଣକୁଳ, ରାଜସୁନାଖଳା ସମେତ ୨୭ଟି ସ୍ଥାନରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ଦେବଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେଉଛି । ତିନିଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯିବା ପରେ ରଥରେ ସନ୍ଧ୍ୟା ଆଳତୀ କରାଯାଇ ସର୍ବସାଧାରଣ ଦର୍ଶନର ପରମ୍ପରା ରହିଛି ।

ରାଜ୍ୟର ପ୍ରାୟ ସମସ୍ତ ସ୍ଥାନରେ ଆଜି ରଥଟଣା ହେଉଥିବାବେଳେ ଦେବଗଡ଼ ଜିଲ୍ଲାରେ ଆସନ୍ତାକାଲି ରଥଟଣା ହେବ ।

ରାୟଗଡ଼ା ଜିଲ୍ଲାରେ ରାୟଗଡ଼ା ସମେତ, ମୁନିଗୁଡ଼ା, ଗୁଣୁପୁର, କାଶୀପୁର ଆଦି ବିଭିନ୍ନ ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା । ବିଗତ ବର୍ଷ ପରି ଚଳିତ ବର୍ଷ ମଧ ଡଙ୍ଗରିଆଙ୍କ ସମେତ ଶ୍ରଦ୍ଧାଳୁଙ୍କ ସମାଗମରେ ରଥଟଣା ହୋଇଛି ।

ନୂଆପଡ଼ା ଜିଲ୍ଲା ପତିତପାବନ ମନ୍ଦିରରେ ଖଡ଼ିଆଳ ରାଜା ଦେବ ଦେବ ସିଂହଦେଓ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ମହିଳା ଶ୍ରଦ୍ଧାଳୁମାନେ ଦେବୀ ସୁଭଦ୍ରାଙ୍କ ରଥ ଟାଣିଥିଲେ ।

କୋରାପୁଟର ସାବର ଶ୍ରୀକ୍ଷେତ୍ରରେ ପରମ୍ପରା ଅନୁସାରେ ଆଦିବାସୀ ମୁଖ୍ୟ ଛେରାପହଁରା ନୀତି ସମ୍ପାଦନ କରିବାପରେ ଶ୍ରଦ୍ଧାଳୁମାନେ ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ । ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ଶ୍ରଦ୍ଧାଳୁମାନେ ମଧ ରଥଟଣାରେ ସାମିଲ୍ ହୋଇଥିଲେ ।

ବୌଦ୍ଧ ଜିଲ୍ଲାର ପୁରୁଣାକଟକ, ହରଭଙ୍ଗା, ବାଉଁଶୁଣୀ, ମନମୁଣ୍ଡା ଆଦି ସ୍ଥାନରେ ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ଅନୁଷ୍ଠିତ ହୋଇଛି । ବୌଦ୍ଧଠାରେ ରଥାରୂଢ଼ ତିନିଠାକୁରଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରଥଟଣାଯାଇ ମାଉସୀମା' ମନ୍ଦିର ପର୍ଯ୍ୟନ୍ତ ନିଆଯିବ ।

*Desk*

# ଅମୃତ ଭାରତ ଷ୍ଟେସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ନିର୍ମାଣ ହୋଇଥିବା ଦେଶରେ ୭୫ଟି ରେଲଷ୍ଟେସନ୍‌କୁ ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି । ଏଥିରେ ଓଡ଼ିଶାର ୭ଟି ରେଲଷ୍ଟେସନ୍ ସାମିଲ ଥିବା ପୂର୍ବତଟ ରେଳବାଇ ସୂତ୍ରରୁ ସୂଚନା ମିଳିଛି । ବଲାଙ୍ଗିର, ବରପାଲି, କେସିଙ୍ଗା, ତାଳଚେର, ବାରିପଦା, ବିମଳାଗଡ଼ ଏବଂ ପାରଳାଖେମୁଣ୍ଡି ରେଳଷ୍ଟେସନ୍‌ର ଉଦ୍‌ଘାଟନ ହେବ । ଏହି ୭ଟି ଷ୍ଟେସନପାଇଁ ୧୦୯ କୋଟି ଟଙ୍କା ବ୍ୟୟ ହୋଇଛି । ପ୍ରଧାନମନ୍ତ୍ରୀ ପଞ୍ଜାବର ଜଳନ୍ଧରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଷ୍ଟେସନ୍‌ଗୁଡ଼ିକର ଉଦ୍‌ଘାଟନ କରିବେ । ଯାତ୍ରୀଙ୍କ ସୁବିଧାପାଇଁ ନୂତନ ଷ୍ଟେସନ ଭବନ ନିର୍ମାଣ କରାଯିବା ସହ ଗାଡ଼ି ଚଳାଚଳ ନିୟନ୍ତ୍ରଣପାଇଁ ପ୍ରବେଶପତ୍ରକୁ ପ୍ରଶସ୍ତ କରାଯାଉଛି । ଆରାମଦାୟକ ଯାତ୍ରାପାଇଁ ପ୍ଲାଟ୍‌ଫର୍ମଗୁଡ଼ିକରେ ଉନ୍ନତ ଆଶ୍ରୟସ୍ଥଳୀ, ଅତ୍ୟାଧୁନିକ ଅପେକ୍ଷାଗୃହ, ସ୍ୱଚ୍ଛ ଶୌଚାଳୟ ଏବଂ ଡିଜିଟାଲ୍ ଯାତ୍ରୀ ସୂଚନା ଫଳକ ଲଗାଯାଇଛି । ପ୍ରତ୍ୟେକ ଷ୍ଟେସନ୍‌ରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ହସ୍ତତନ୍ତ, ପାରମ୍ପରିକ ଶିଳ୍ପ ଓ ଆଦିବାସୀ କଳାକୁ ଚିତ୍ରିତ କରାଯାଇଛି । ଏହି ୭ଟି ଷ୍ଟେସନ୍‌ର ପୁନଃ ବିକାଶ ଭାରତୀୟ ରେଳବାଇର ଓଡ଼ିଶାର ସାମଗ୍ରୀକ, ସାମାଜିକ-ଅର୍ଥନୈତିକ ବିକାଶରେ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ।

***News Pool***

# ସୁପ୍ରିମ୍‌କୋର୍ଟ - ତୃତୀୟ ଭାଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ– ସି.ବି.ଏସ୍.ଇ ପାଠ୍ୟକ୍ରମ ଅଧୀନରେ ନବମ ଶ୍ରେଣୀରେ ତୃତୀୟ ଭାଷାର ଅଧ୍ୟୟନ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଛାତ୍ରଛାତ୍ରୀଙ୍କ ଉପରେ ଅଧିକ ଚାପ ସୃଷ୍ଟି କରିବ । ଏହି ଭାଷା ପଞ୍ଚମ କିମ୍ବା ଷଷ୍ଠ ଶ୍ରେଣୀରୁ  ଆରମ୍ଭ ହୋଇଥିଲେ ଛାତ୍ରଛାତ୍ରୀମାନେ ଏଥିସହିତ ପରିଚିତ ହୋଇପାରିଥାନ୍ତେ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ବିଚାରପତି ଜଷ୍ଟିସ୍ ବି.ଭି. ନାଗରଥ୍‌ନ ଏବଂ ଜଷ୍ଟିସ୍ ଆର୍. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ' ନବମ ଶ୍ରେଣୀ ପାଠ୍ୟକ୍ରମରେ ତୃତୀୟ ଭାଷା ଆରମ୍ଭ ନ କରିବା ଲାଗି କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ତାମିଲନାଡୁ ସରକାରଙ୍କ ପକ୍ଷରୁ ଆଗତ ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ମତାମତ ଦେଇଛନ୍ତି।

***BBSR/R***

# ବିପର୍ଯ୍ୟୟ ପରିଚାଳନା କମିଟି

ଭୁବନେଶ୍ୱର ଲୋକସେବା ଭବନ ରାଜସ୍ୱ ବିଭାଗ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ପରିଚାଳନା ଆଇନ–୨୦୦୫ ଅଧୀନରେ ଗଠିତ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ବୈଠକ

ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ବିପର୍ଯ୍ୟୟ ବିପଦ ପରିଚାଳନା ପାଣ୍ଠିର ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବୀ କରିବାକୁ ଶ୍ରୀମତୀ ଗର୍ଗ ଗୁରୁତ୍ୱ ଦେଇଛନ୍ତି । ବିଶେଷକରି ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ପ୍ରଶମନ ଓ ଗ୍ରାମାଞ୍ଚଳରେ ସ୍ୱେଚ୍ଛାସେବୀ ବାହିନୀ ଗଠନ, ଭୁବନେଶ୍ୱର ଓ କଟକ ସହରାଞ୍ଚଳରେ ଜଳ ନିଷ୍କାସନ ପରିଚାଳନା ଉପରେ ଆଲୋଚନା କରାଯାଇଥିଲା । ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ ଗ୍ରୀଷ୍ମଋତୁରେ ହିଟ୍‌ୱେଭ୍‌ର ପ୍ରଭାବ ହ୍ରାସପାଇଁ ୧ କୋଟି ୭୭ ଲକ୍ଷ ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଜଙ୍ଗଲ ନିଆଁ, ବଜ୍ରପାତ, ସାପକାମୁଡ଼ା ଓ ଅତ୍ୟଧିକ ଗ୍ରୀଷ୍ମପ୍ରବାହର ମୁକାବିଲାପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ । ସୁରକ୍ଷିତ, ସଚେତନ ଓ ବିପର୍ଯ୍ୟୟ ସହନଶୀଳ ଓଡ଼ିଶା ଗଠନ ଦିଗରେ ସମସ୍ତଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଛନ୍ତି ।

***Desk***

## କ୍ୟାଚ୍ ଦ ରେନ୍

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅମୃତ ୨.୦ ଯୋଜନା ଅଧୀନରେ ସହରାଞ୍ଚଳରେ ବର୍ଷା ଜଳ ସଂରକ୍ଷଣ, ଭୂତଳ ଜଳ

ପୁର୍ନଭରଣ, ଜଳାଶୟ ପୁନରୁଦ୍ଧାର ଏବଂ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଜଳସୁରକ୍ଷା ସୁନିଶ୍ଚିତ କରିବା ଏବଂ ଜଳବାୟୁ ପରିବର୍ତ୍ତନ ପରିସ୍ଥିତିର ମୁକାବିଲା କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଅଭିଯାନ ଅଧୀନରେ ଦେଶର ୨୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ପ୍ରାୟ ୯୦୦ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସକ୍ରିୟ ଭାବେ ସାମିଲ ହୋଇଛନ୍ତି। ବର୍ଷା ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧିକୁ ପ୍ରୋତ୍ସାହନ ଦେବା ଦିଗରେ ଏଥିରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଜଳାଶୟ ପୁନରୁଦ୍ଧାର କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୧ ଲକ୍ଷ ୨୧ ହଜାର ଏକର ଅଂଚଳ ଜଳାଶୟଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏଥିସହିତ ଦେଶବ୍ୟାପୀ ୧୮ ହଜାର ଏକରରୁ ଊର୍ଦ୍ଧ୍ୱ ଅଂଚଳରେ ସବୁଜ ବଳୟ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ ସହରାଞ୍ଚଳରେ ଉତ୍ତାପ ହ୍ରାସ ଏବଂ ନାଗରିକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସହାୟକ ହେବ। ଭବିଷ୍ୟତ ପିଢିଙ୍କ ପାଇଁ ଜଳସୁରକ୍ଷା ନିଶ୍ଚିତ କରିବା, କ୍ୟାଚ ଦ ରେନ୍’ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

***Desk***

## ଚକ୍ରଧର ବେହେରା

କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ରାଜଭବନ

ଛକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ପ୍ରଜାଙ୍କ ଅଧିକାର, ସ୍ୱାଭିମାନ ଓ ନ୍ୟାୟ ପାଇଁ ଆଜୀବନ ସଂଗ୍ରାମ କରିଥିଲେ। ତାଙ୍କର ତ୍ୟାଗ, ସାହସ ଓ ଦେଶପ୍ରେମ ଆଜି ମଧ୍ୟ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ଅନ୍ୟାୟ, ଅନୀତି ଓ ଶୋଷଣ ବିରୋଧରେ ତାଙ୍କର ଲଢେଇ ଓଡିଶାର ସ୍ୱାଧୀନତା ସଂଗ୍ରାମ ଓ କୃଷକ ଆନ୍ଦୋଳନର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ହୋଇ ରହିଛି।

***Desk***

# ପାଣିପାଗ

ଓଡ଼ିଶା –ପଶ୍ଚିମବଙ୍ଗ ଉପକୂଳ ପାର୍ଶ୍ୱବର୍ତ୍ତୀ ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ପ୍ରଭାବରେ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ଦେବଗଡ଼, ଅନୁଗୁଳ, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୫ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

******